## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ, ଘର ମାଲିକ ଗିରଫ

ଗୋପାଳପୁର,୭।୮(ଡି.ଏନ.ଏ.): ଗୋଳନ୍ଥରା ଥାନା ମଦନମୋହନପୁର ଗ୍ରାମରେ ଘର ଭଡ଼ା ନେଇ ରହୁଥିବା ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇବା ଘଟଣାରେ ରବିବାର ଘର ମାଲିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କେ କ୍ରିଷ୍ଣା ରାଓ (୫୭)। ସୂଚନା ପ୍ରକାରେ, ସ୍ମୃତିରେଖା ସ୍ୱାମୀଙ୍କ ସହ କ୍ରିଷ୍ଣାଙ୍କ ଘରେ କିଛି ମାସ ହେଲା ଭଡା ସୂତ୍ରରେ ରହିଆସୁଛନ୍ତି। କୌଣସି କାରଣରୁ କିଛି ମାସର ଭଡ଼ା କ୍ରିଷ୍ଣାଙ୍କୁ ଦେଇପାରି ନଥିଲେ। ଶନିବାର ସ୍ମୃତିରେଖାଙ୍କ ସ୍ୱାମୀ ଘରେ ନ ଥିବା ବେଳେ କ୍ରିଷ୍ଣା ଘରେ ପହଞ୍ଚି ଭଡ଼ା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କ୍ରିଷ୍ଣା ଉତକ୍ଷିପ୍ତ ହୋଇ ମହିଳାଙ୍କୁ ଆକ୍ରମଣ କରିଥିଲେ। ସେ ଗୋଳନ୍ଥରା ଥାନାରେ ଅଭିଯୋଗ କରିବାରୁ ପୋଲିସ କେଶ ନଂ ୨୭୬/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ରବିବାର କ୍ରିଷ୍ଣାଙ୍କୁ ଗିରଫ କରିଛି।

### ବିବାହ ଭୋଜି ଚାଲିଥିବା ବେଳେ ଘରୁ ଲୁଟ୍

ପାରଳାଖେମୁଣ୍ଡି,୭।୮(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସହରରେ ଟାଉନହଲ ସମ୍ମୁଖରୁ ବିବାହ ଭୋଜି ଚାଲୁଥିବା ବେଳେ ଶନିବାର ଜଣେ ବ୍ୟବସାୟିଙ୍କ ଘରୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ସହ ଟଙ୍କା ଲୁଟିଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଟି ଗୋବିନ୍ଦଙ୍କ ପରିବାର ଲୋକେ ଝିଅର ବିବାହ ଲାଗି କଲ୍ୟାଣ ମଣ୍ଡପରେ ଭୋଜିରେ ବ୍ୟସ୍ତ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ପଛପଟ କବାଟ ଭାଙ୍ଗି ୨୦ ଭରି ସୁନା ସହ ଦୁଇ ଲକ୍ଷ ନଗଦ ଟଙ୍କା ଚୋରି କରି ଚମ୍ପଟ ମାରିଥିଲେ। ଖବର ପାଇ ପାରଳାଖେମୁଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ କିଛି ଦିନ ଧରି ସହରରେ ଚୋରି ଘଟଣା ବୃଦ୍ଧି ପାଇଛି। ସାଇ ମନ୍ଦିରର ବିପୁଳ ପରିମାଣର ରୁପା ଅଳଙ୍କାର ଚୋରି ଘଟଣାରେ ଅଭିଯୁକ୍ତମାନଙ୍କ ସନ୍ଧାନ ମିଳିନଥିବା ବେଳେ ପୁଣି ଏକ ବଡ଼ ଧରଣର ଚୋରି ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### ଗଜପତିରେ ପୁଣି ୬ କରୋନା ସଂକ୍ରମିତ ଚିହ୍ନଟ

ପାରଳାଖେମୁଣ୍ଡି,୭।୮(ଡି.ଏନ୍.ଏ.): ଗଜପତି ଜିଲାରେ ୧୭୫ କୋଭିଡ ପରୀକ୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଚ ରବିବାର ପୁଣି ୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୩୭ ଜଣ ସକ୍ରିୟ ଅଛନ୍ତି । ସେଭଳି ଗୁରୁତର ସ୍ଥିତି ଦେଖା ଯାଇନଥିବା ବେଳେ ବର୍ତ୍ତମାନ ସୁଦ୍ଧା ସମସ୍ତ ଆକ୍ରାନ୍ତଙ୍କୁ ହୋମ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ମାସ୍କ ପରିଧାନ ଓ ସାମାଜିକ ଦୂରତାକୁ ରକ୍ଷାକରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ଧାନତଳି ଖାଇଯାଉଛନ୍ତି ଗୋରୁ
#### ପ୍ରଶାସନର ହସ୍ତକ୍ଷେପ ଦାବିକଲେ ଚାଷୀ

ଗଞ୍ଜାମ,୭।୮(ଡି.ଏନ୍.ଏ.): ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମ ସ୍ଥିତ ଚାଷଜମି ଗୁଡିକରେ ଗାଈଗୋରୁ ପଶି ଧାନ ତଳି ଖାଇଯାଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ହସ୍ତକ୍ଷେପ କରିବାକୁ ପୁଇଁତୋଳା ଚାଷୀମାନେ ଦାବି କରିଛନ୍ତି। ଏନେଇ ସୋମବାର ଚାଷୀମାନେ ତହସିଲଦାରଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି। ପୁଇଁତୋଳା ଗ୍ରାମର ଗାଈ ମାଲିକମାନେ କ୍ଷୀର ଦୁହିଁବା ପରେ ଖୋଲା ଛାଡି ଦେଉଛନ୍ତି। ଫଳରେ ଜମିରେ ନୂଆ କରି ଉଠିଥିବା ଧାନ ତଳିକୁ ଖାଇ ଯାଉଛନ୍ତି ଏବଂ ନଷ୍ଟ କରିଦେଉଛନ୍ତି। ଏଥିପାଇଁ ଗାଈ ମାଲିକମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପୁଇଁତୋଳା ଚାଷୀ।

# ଗଜପତିରେ ଅର୍ନାମେଣ୍ଟାଲ ମାଛଚାଷ ଆରମ୍ଭ

## ୩ ଲକ୍ଷର ପ୍ରକଳ୍ପ ଶୁଭାରମ୍ଭ

ପାରଳାଖେମୁଣ୍ଡି, ୭।୮(ଡି.ଏନ୍.ଏ)

ଗଜପତି ଜିଲା ପ୍ରଶାସନ ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତରେ ପହଞ୍ଚି ଲୋକଙ୍କ ଦୁଃଖସୁଖ ବୁଝିବା ସହ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ରୋଜଗାରର ବ୍ୟବସ୍ଥା କରିଛି। ଲୋକେ କିପରି ରୋଜଗାରକ୍ଷମ ହେବେ ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଦ୍ୱାରା ପ୍ରଲୋଭିତ ହେବେ ନାହିଁ ତାହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ ଉଦ୍ୟମ କରିଛି ଜିଲା ପ୍ରଶାସନ। ଜିଲାରେ ପ୍ରଥମ ଥର ପାଇଁ ଅର୍ନାମେଣ୍ଟାଲ ମାଛ ଚାଷ ଆରମ୍ଭ କରାଯାଇଛି। ପ୍ରଥମ ଥର ପାଇଁ ୩ ଲକ୍ଷ ଟଙ୍କା ବ୍ୟୟରେ ଅର୍ନାମେଣ୍ଟାଲ ମାଛ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଛି। ଲୋକେ ରଙ୍ଗୀନ ମାଛ ଚାଷ ସହିତ ଆବଶ୍ୟକ ସ୍ଥଳେ ଆକ୍ୱାରିୟମ ମଧ୍ୟ ତିଆରି କରିପାରିବେ। ବଜାରରେ ଏହି ରଙ୍ଗୀନ ମାଛର ଚାହିଦା ରହିଥିବାରୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏହାକୁ ବିକ୍ରି କରି ବେଶ ଲାଭବାନ ହୋଇପାରିବେ ବୋଲି ଜିଲାପାଳ କହିଛନ୍ତି। ଏଭଳି ଆଗକୁ ଆହୁରି ଅନେକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପଣ୍ଡା ସୂଚନା ଦେଇଛନ୍ତି। ଆନ୍ଧ୍ର ସୀମାରେ ଥିବା ଗଜପତି ଜିଲା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ବିଭିନ୍ନ ଗାଁକୁ ନିଜ ଅଧୀନକୁ ନେବା ପାଇଁ ଦୀର୍ଘ ବର୍ଷ ହେବ ଆନ୍ଧ୍ର ସରକାର ଚେଷ୍ଟା ଚଳାଇ ଲୋକଙ୍କୁ ରାସନ କାର୍ଡ ଠାରୁ ଆରମ୍ଭ କରି ଭୋଟର ପରିଚୟ ପତ୍ର ଯାଏଁ ସବୁ କିଛି ଯୋଗାଇ ସେମାନଙ୍କୁ ପ୍ରଲୋଭିତ କରିବାକୁ ପ୍ରୟାସ କରୁଛି। ଜିଲାପାଳ ପଣ୍ଡା କହିଛନ୍ତି ଯେ ଏହି ପଞ୍ଚାୟତ ଉପରେ ପ୍ରଶାସନର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ପଞ୍ଚାୟତକୁ ବର୍ତ୍ତମାନ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି। ଏହି ଅଞ୍ଚଳର ଲୋକେ କିଭଳି ରୋଜଗାରକ୍ଷମ ହେବେ ଏବଂ ଆନ୍ଧ୍ର ଦ୍ୱାରା ପ୍ରଲୋଭିତ ହେବେ ନାହିଁ ସେଥିପ୍ରତି ଧ୍ୟାନ ଦେଇଛି ପ୍ରଶାସନ। ଏଠାକାର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଓଡିଶା ଜୀବିକା ମିଶନ ପକ୍ଷରୁ ମହମବତୀ ତିଆରି, କୁକୁଡା ଚାଷ ଭଳି ଲାଭଜନକ ବ୍ୟବସାୟ ପାଇଁ ବ୍ୟବସ୍ଥା କରାଯାଇଛି।


ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ଅଭିଯୁକ୍ତ ଗିରଫ

କୋଟଗଡ଼, ୭।୮(ଡି.ଏନ୍.ଏ.)

କୋଟଗଡ଼ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପାଜିକିରି ଗ୍ରାମର ଅରକ୍ଷିତ ନାୟକ।

ନାବାଳିକା ଜଣକ ଗତ ଜୁନ୍ ମାସରେ ଗ୍ରୀଷ୍ମଛୁଟି କାଟିବାକୁ ଘରକୁ ଆସିଥିଲେ। ହେଲେ ହଠାତ୍ ନାବାଳିକା ଜଣକ କୁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ତେବେ ଜୁନ୍ ୫ରେ ପରିବାର ଲୋକେ କୌଣସି ସୂତ୍ରରୁ ସୁରାକ୍ ପାଇ କୋଟଗଡ ଥାନାରେ ଅରକ୍ଷିତ ଝିଅକୁ ତାମିଲନାଡୁ ନେଇଯାଇଥିବା ଏତଲା ଦେଇଥିଲେ। ପୋଲିସ ଏସ୍ଆଇ ଓମ୍ ନାରାୟଣ ପାତ୍ର କେସ୍ ନଂ.୬୯/୨୦୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଗତ ଶୁକ୍ରବାର ଅରକ୍ଷିତ ଓ ନାବାଳିକା କୋଟଗଡ଼ରେ ଏକ ବସ୍ ନିକଟରେ ଥିବା ପୋଲିସ ଖବର ପାଇ ସେଠାରୁ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କର ଡାକ୍ତରୀମାଇନା କରିବା ପରେ ରବିବାର ଅଭିଯୁକ୍ତଙ୍କୁ ଫୁଲବାଣୀ ପୋକ୍‌ସୋ କୋର୍ଟକୁ ପଠାଇ ଦିଆଯାଇଥିବା କହିଛନ୍ତି।

# ବାପାଙ୍କୁ ମାଡ଼ ମାରି ପୁଅ ଗିରଫ

ଆସିକା,୭।୮(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମରେ ରବିବାର ବାପାଙ୍କୁ ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ପୁଅକୁ ଗିରଫ କରିଛି । ସେ ହେଲେ ନେତ୍ରାନନ୍ଦ ସେଣ । ବାପା ପଇସା ଦେବା ଲାଗି ମନା କରିବାରୁ ନେତ୍ରାନନ୍ଦ ଘରର ଜିନିଷପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ପରେ ସେ ବାପାଙ୍କୁ ଗଳା ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି । ଅଭିଯୋଗକୁ ଭିତ୍ତିକରି ଆସିକା ପୋଲିସ ନଂ.୪୭୪/୨୨ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଶେରଗଡ଼,୭।୮(ଡି.ଏନ୍.ଏ.)

ଶେରଗଡ଼ ବ୍ଲକକୁ ଶନିବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନେତା ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଆୟୋଜିତ ବୈଠକରେ ବ୍ଲକର ଉନ୍ନୟନ କାର୍ଯ୍ୟ ଓ ଶେରଗଡ଼ର ପଞ୍ଚାୟତଗୁଡ଼ିକରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଜିଲାପାଳ ଆଲୋଚନା କରିଥିଲେ। ପିତଳ, ତହଁର, ଗୋଠଗାଁ, ଥୁରୁବୁରାଇ ପଞ୍ଚାୟତ, କୁରୁଳା ପଞ୍ଚାୟତରେ ପନିପରିବା ଚାଷ ଅଧିକ ହେଉଛି। ଏଣୁ ବଜାର ବ୍ୟବସ୍ଥା ସହ ଶୀତଳଭଣ୍ଡାର, ପଞ୍ଚାୟତଗୁଡ଼ିକରେ ଭେଣ୍ଡିଂ ଜୋନ୍ ବ୍ୟବସ୍ଥା କରିବାକୁ ହୀନ ବେହେରା ଜିଲାପାଳଙ୍କୁ କହିଥିଲେ। ଶେରଗଡ଼ଠାରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ କାମ ଆରମ୍ଭ କରିବା, ବାଲିସାହି ମୁହଁରେ ନାଳ ଉପରେ ପ୍ଲେଟ୍ ପକାଇବା, ପାର୍କ ନିର୍ମାଣ, ବସ୍‌ଷ୍ଟାଣ୍ଡ କାମ ପାଇଁ ଅର୍ଥ ବରାଦ କରିବାକୁ ହୃଷୀକେଶ ପାଢ଼ୀ କହିଥିଲେ। ସେହିପରି ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ବନ୍ଧାଗୁଡ଼ା ପଞ୍ଚାୟତ, କୁଲାଗଡ଼, ଖିରିଡା ପଞ୍ଚାୟତକୁ ଜଳସେଚନ ସୁବିଧା କରିବାକୁ କୁହାଯାଇଥିଲା। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଜିଲାପାଳଙ୍କୁ ଋଷିକୁଲ୍ୟା ସହ ମହାନଦୀ ସଂଯୋଗ କରି ଶେରଗଡ଼ ବ୍ଲକର ସମସ୍ତ ପଞ୍ଚାୟତକୁ ଜଳସେଚନ ସୁବିଧା କରିବାକୁ ଅଭିଯୋଗ କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ପୂର୍ବରୁ ବିଡିଓ ଦାୟିତ୍ୱରେ ଥିବା ମନୋରଞ୍ଜନ ସାହୁ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ବଙ୍କିମ୍ ଚନ୍ଦ୍ର ପଣ୍ଡା, ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢ଼ୀ, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀନାରାୟଣ ତ୍ରିପାଠୀ, ନାଳନର୍ଦ୍ଦମା ବିଭାଗର ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର, ଜଳପରି ମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାପାତ୍ର, ବ୍ଲକ ନିର୍ବାହୀ ଯନ୍ତ୍ରୀ ଆଦିନାରାୟଣ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧିଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନାଉଲିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳ ରୂପାୟନ


ଏମ୍‌ଜିଏନ୍‌ଆର୍‌ଇଜିଏସ କାମରେ ନିୟୋଜିତ ଶ୍ରମିକମାନେ।

ଛତ୍ରପୁର,୭।୮(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଗରିବ, ଅସହାୟ ଓ ଖଟିଖିଆ ପରିବାରର ଶ୍ରମିକମାନଙ୍କୁ ବର୍ଷକୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦିଆଯାଉଛି। ସେମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ କାମ ହୋଇପାରୁଛି। ଛତ୍ରପୁର ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତ ନାଉଲି ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସର ସଫଳ ରୂପାୟନ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମାବଳୀ ଅନୁଯାୟୀ, ପଞ୍ଚାୟତ ଓ ବ୍ଲକ ଅଧିନରେ ଯେକୌଣସି ଉନ୍ନତି ମୂଳକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଗଲେ ସ୍ଥାନୀୟ ଜବକାର୍ଡଧାରୀ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଛି। ଏହାଦ୍ୱାରା ଆଖପାଖ ନିଜ ଅଞ୍ଚଳରେ କାର୍ଯ୍ୟରେ ନିୟୋଜିତ ହୋଇ ରୋଜଗାର କ୍ଷମ ହୋଇପାରୁଛୁ ବୋଲି ଜବ କାର୍ଡଧାରୀ ଶ୍ରମିକମାନେ କହିଛନ୍ତି। ନାଉଳି ଗ୍ରାମରେ ପାଖାପାଖି ୪୦୦ ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଅନେକ କୁଲି ମଜୁରି କରି ପରିବାର ପ୍ରତିପୋଷଣ କରନ୍ତି । ଗ୍ରାମର ଯେ କୌଣସି କାମ ହେଉ ନା କାହିଁକି ଗ୍ରାମବାସୀ ମିଳିମିଶି କରିଥାନ୍ତି। ଗ୍ରାମର ସବୁ ବିକାଶମୂଳକ କାର୍ଯ୍ୟ ଗ୍ରାମ୍ୟ କମିଟି ଦ୍ୱାରା ପରିଚାଳନା କରାଯାଇଥାଏ। ଯାହା ଦ୍ୱାରା ପ୍ରକଳ୍ପ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଉନ୍ନତମାନର ହୋଇ ପାରୁଛି ବୋଲି ଗ୍ରାମ୍ୟ କମିଟିର ସଦସ୍ୟମାନେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଚଳିତବର୍ଷ ନାଉଳି ଗ୍ରାମରେ ମୋଟ ୮ ହଜାର ୩୦୦ରୁ ଊର୍ଦ୍ଧ୍ୱ ଶ୍ରମ ଦିବସ ସୃଷ୍ଟି ହୋଇପାରିଛି। ତେବେ ବ୍ଲକ ପ୍ରଶାସନ କାମର ବିଲ୍ ଠିକ ସମୟରେ ଦେଇ ପାରିଲେ ସେମାନେ ଉପକୃତ ହୋଇ ପାରିଥାନ୍ତେ ବୋଲି ଶ୍ରମିକମାନେ କହିଛନ୍ତି।

# ଗଛରେ ପିଟି ହେଲା କାର, ଶିକ୍ଷକ ମୃତ

ଜି.ଉଦୟଗିରି(ଡି.ଏନ.ଏ.)/ ଫୁଲବାଣୀ ଅଫିସ/ଟିକାବାଲି,୭।୮



ଟିକାବାଲି ଥାନା ଭଞ୍ଜପଦର ନିକଟରେ ରବିବାର ଅପରାହ୍ନରେ ଏକ କାର ଭାରସାମ୍ୟ ହରାଇ ଗଛକୁ ପିଟିହେବାରୁ ଶିକ୍ଷକ ନାରାୟଣ ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗାଡି ଚଳାଉଥିବା ଶିକ୍ଷକ ଶାନ୍ତନୁ କୁମାର ଆଚାର୍ଯ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଟିକାବାଲି ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରିବା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁଇ ଶିକ୍ଷକ କାର ଯୋଗେ ଫୁଲବାଣୀରୁ ଜି.ଉଦୟଗିରି ଆସୁଥିବା ବେଳେ ଭଞ୍ଜପଦର ନିକଟରେ ଦୁର୍ଘଟଣା ଘଟିଛି। ଟିକାବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଂ.୫୬/୨୨ରେ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ କହିଛନ୍ତି। ସାହୁଙ୍କ ମୃତଦେହ ବ୍ୟବଚ୍ଛେଦ ରବିବାର ହୋଇପାରିନଥିବା କାରଣରୁ ଅନ୍ତିମ ସଂସ୍କାର ହୋଇପାରି ନାହିଁ। ସେ ଟିକାବାଲି ବ୍ଲକ ରୁଦାଙ୍ଗିଆ ଉ. ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଥିଲେ।

# ଗଜପତିରେ ହାରାହାରି ୪୩.୮ମିମି ବର୍ଷା

ପାରଳାଖେମୁଣ୍ଡି,୭।୮(ଡି.ଏନ୍.ଏ.)

ଲଘୁଚାପ ପ୍ରଭାବରେ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସମେତ ବିଭିନ୍ନ ବ୍ଲକ ଅଞ୍ଚଳରେ ଶନିବାର ରାତିରୁ ରବିବାର ଦିନତମାମ ଝିପିଝିପି ବର୍ଷା ହେଉଥିବା ବେଳେ ଦୁର୍ଗମ ତଥା ବନାଞ୍ଚଳରେ ଅଧିକ ପରିମାଣର ବର୍ଷା ହୋଇଛି । ଜିଲାରେ ରବିବାର ୩୫୦.୪ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ୪୩.୮୦ମିମି ବର୍ଷା ହାର ହୋଇଥିବାର ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜଣାପଡିଛି। କାଶୀନଗର ବ୍ଲକରେ ୧୭.୪ମିମି, ପାରଳାଖେମୁଣ୍ଡି ସହରରେ ୨୦.୪ମିମି, ରାୟଗଡ ବ୍ଲକରେ ୩୪ମିମି, ଗୁମ୍ମା ବ୍ଲକରେ ୫୯ମିମି, ନୂଆଗଡ ବ୍ଲକରେ ୧୨୧.୮ମିମି, ଆର୍.ଉଦୟଗିରି ବ୍ଲକରେ ୩୧.୪ମିମି, ମୋହନା ବ୍ଲକରେ ୩୦.୪ମିମି, ଗୋଷାଣୀ ବ୍ଲକରେ ୩୬ମିମି ବର୍ଷା ହୋଇଛି। ନୂଆଗଡ ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ଜିଲାରେ ଥିବା ବିଭିନ୍ନ ଜଳାଶୟ ତଥା ନଦୀନାଳଗୁଡିକ ଫୁଲିବାରେ ଲାଗିଛି । ଆଉ ଦୁଇଦିନ ଏପରି ବର୍ଷା ହେଲେ ବନ୍ୟା ପରିସ୍ଥିତି ଉପୁଜିପାରେ ବୋଲି ଆକଳନ କରାଯାଇଛି ।

### ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଜି.ଉଦୟଗିରି, ୭।୮(ଡି.ଏନ୍.ଏ.)

ଲଗାଣ ବର୍ଷାରେ ଜି.ଉଦୟଗିରି ସମେତ ଆଖପାଖ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଆହୁରି ଦୁଇରୁ ତିନିଦିନ ବର୍ଷା ସମ୍ଭାବନା ଥିବା ଯୋଗୁ ଫୁଲକୋବି ଚାଷ ପ୍ରଭାବିତ ହେବ ବୋଲି ଚାଷୀମାନେ କହିଛନ୍ତି। ବର୍ଷାରେ ଘରୁ ବାହାରିବା ମୁସ୍କିଲ ହେଉଥିବା ବେଳେ ପ୍ରଭାବିତ ହୋଇଛନ୍ତି ରାସ୍ତାକଡ଼ରେ ବିକ୍ରି କରୁଥିବା ବ୍ୟବସାୟୀ। ଛୋଟ ବ୍ୟବସାୟୀ ପରିବା ଆଣି ବିକ୍ରି କରିବା ଅସମ୍ଭବ ହେଉଛି।

# ଭଞ୍ଜନଗର ସହରରେ ଲାଗିବ ସିସିଟିଭି କ୍ୟାମେରା

ଭଞ୍ଜନଗର,୭।୮(ଡି.ଏନ.ଏ)

## ସ୍ୱାୟତ୍ତ ଶାସନ ଦିବସ ପାଳନ ପ୍ରସ୍ତୁତି

ଭଞ୍ଜନଗର ଏନ୍ଏସିର ନବନିର୍ବାଚିତ କାଉନସିଲ ଆସନ୍ତା ୩୧ ତାରିଖରେ ପ୍ରଥମ ସ୍ୱାୟତ୍ତ ଶାସନ ଦିବସ ପାଳନ କରିବ। ଉକ୍ତଦିନ ସହରର ଅନେକ ନୂଆ ନୂଆ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ ହେବ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଭଞ୍ଜ ସାହିତ୍ୟ ଛକରେ ଉପେନ୍ଦ୍ର ଭଞ୍ଜଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଏଥିସହ ସେଠାରେ ଏକ ଜଳ ଫୁଆର ବସିବ। ସହରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ପାଇଁ ପ୍ରମୁଖ ରାସ୍ତା ଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିବ। ଏଥିସହ ଉକ୍ତଦିନ ଏନଏସି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ହେବ। ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ରବିବାର ସ୍ଥାନୀୟ ବାଗ୍‌ଦେବୀ ରୋଡ଼ର ଏକ ହୋଟେଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ପ୍ରକାଶ କରିଛନ୍ତି।

ସ୍ୱାୟତ ଶାସନ ଦିବସ କାର୍ଯ୍ୟକ୍ରମ ପାଇଁ ବର୍ତ୍ତମାନଠୁ ସହରର ସଫେଇ, ରାସ୍ତାଘାଟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଶୁକ୍ରବାର ଏହି ପ୍ରକ୍ରିୟା ସମସ୍ତ ୧୫ଟି ୱାର୍ଡ଼ରେ ସରିଛି। ଲୋକଙ୍କ ଅଭାବ, ଅସୁବିଧାକୁ ପୂରଣ କରିବା ପାଇଁ ଏନଏସି ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ। କୃତୀମାନଙ୍କୁ ସ୍ୱାୟତ ଶାସନ ଦିବସରେ ସମ୍ବର୍ଦ୍ଧିତ କରାଯିବ। କାଉନସିଲର ଏବଂ କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ହେବ। ଶ୍ରୀରାମନଗରରେ ମିଶନଶକ୍ତି ଗୃହର ଉଦ୍‌ଘାଟନ ହେବ। ରେଡ଼କ୍ରସ ରୋଡ଼ ଛକରେ ଏକ ଜଳଫୁଆର ବସିବ ବୋଲି ଜଣାପଡ଼ିଛି।


ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ହୋଟେଲ ଉଦଘାଟନ କରୁଛନ୍ତି ।

# ପୁଞ୍ଜିକୟାଁ ଛକରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ଦାବି

ଦିଗପହଣ୍ଡି, ୭।୮(ଡି.ଏନ୍.ଏ.)

ବ୍ରହ୍ମପୁର-ରାୟଗଡ଼ା ଭାୟା ଦିଗପହଣ୍ଡି ରାଞ୍ଚି-ବିଜୟୱାଡା କରିଡ଼ର ମୁଖ୍ୟରାସ୍ତାରେ ଅବସ୍ଥିତ ପୁଞ୍ଜିକୟାଁ ଛକରେ ଏକ ଟ୍ରାଫିକ୍ ପୋଷ୍ଟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଏବଂ ଏହି ରାସ୍ତା ଦେଇ ଗଜପତି, ରାୟଗଡ଼ା, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ମାଲକାନଗିରି ପ୍ରଭୃତି ଜିଲା ସମେତ ପଡ଼ୋଶୀ ଆନ୍ଧ୍ର, ତେଲଙ୍ଗାନା, ମଧ୍ୟପ୍ରଦେଶ, ଛତିଶଗଡ଼ ପ୍ରଭୃତି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସହସ୍ରାଧିକ ଗାଡ଼ିମୋଟର ଯାତାୟାତ କରୁଛି। ଏଠାରେ ଟ୍ରାଫିକ୍ ପୋଷ୍ଟ ନ ଥିବାରୁ ନାନା ସମସ୍ୟା ଉପୁଜୁଛି। ଏତଦ୍‌ବ୍ୟତୀତ ଦିଗପହଣ୍ଡି ମୁଖ୍ୟ ରାସ୍ତା ଏବଂ ସହରକୁ ସଂଯୋଗ କରୁଥିବା ଜନତା ଲେନ୍ ଟାଉନ ଛକରେ ଟ୍ରାଫିକ୍ ପୋଷ୍ଟ ନ ଥିବା ବେଳେ ରାସ୍ତାକଡ଼ରେ ପରିବା ବଜାର ଯୋଗୁ ଯାତାୟାତରେ ନାହିଁ ନ ଥିବା ଅସୁବିଧା ହେଉଛି। ସହରର ବିଭିନ୍ନ ସାହିବସ୍ତିରୁ ବସ୍‌ଷ୍ଟାଣ୍ଡ କିମ୍ବା ବ୍ଲକ, ତହସିଲ, ବ୍ୟାଙ୍କ, କଲେଜ ଯିବା ପାଇଁ ଆସୁଥିବା ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକେ ଟ୍ରାଫିକ୍ ପୋଷ୍ଟ ନ ଥିବାରୁ ପ୍ରତିଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଦିଗପହଣ୍ଡି ଥାନା ପକ୍ଷରୁ ଏହି ୨ଟି ଛକରେ ଜଣେ ଦୁଇଜଣ ହୋମ୍‌ଗାର୍ଡଙ୍କୁ ଜଗାଇ ପୋଲିସ ତା'ର କର୍ତ୍ତବ୍ୟ ସାରି ଦେଉଥିବା ବେଳେ ଟ୍ରାଫିକ୍ ପୋଷ୍ଟ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଉନାହାନ୍ତି। ଦୀର୍ଘଦିନ ହେଲା ମୁଖ୍ୟମନ୍ତ୍ରୀ, ଜିଲାପାଳ, ସ୍ଥାନୀୟ ବିଧାୟକ, ପୂର୍ତ୍ତ ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଏଠାରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ପାଇଁ ଦାବି ହେଉଛି।


ପୁଞ୍ଜିକୟାଁ ଚାରିଛକ।

